# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁଲିସର ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର,୨।୨(ସମିସ): ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁଲିସର ବ୍ୟାପକ ପ୍ରସ୍ତୁତି। ଦୁଇ ଜିଲ୍ଲାରେ ମୁତୟନ ହେବେ ୭୦ ପ୍ଲାଟୁନରୁ ଅଧିକ ଫୋର୍ସ। ବାଲେଶ୍ୱରରେ ୩୦ ପ୍ଲାଟୁନ ଫୋର୍ସ ଓ ମୟୂରଭଞ୍ଜରେ ମୁତୟନ ହେବେ ୪୦ ପ୍ଲାଟୁନ ରୁ ଅଧିକ ପୁଲିସ ଫୋର୍ସ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁଲିସର ବ୍ୟାପକ ପ୍ରସ୍ତୁତି। ବ୍ଲୁ ବୁକ୍ ଅନୁସାରେ ସମସ୍ତ ବ୍ୟବସ୍ଥା ଶେଷ। ପୁଲିସର ରିହଲସେଲ୍ ଓ ବ୍ରିଫିଁ ସରିଥିବା ସୂଚନା ଦେଲେ ପୂର୍ବାଞ୍ଚ ପୂର୍ବାଞ୍ଚଳ ଡି ଆଇ ଜି ପିନାକ ମିଶ୍ର। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଦୁଇ ଜିଲ୍ଲାରେ ମୁତୟନ ହେବେ ୭୦ ପ୍ଲାଟୁନ ରୁ ଅଧିକ ଫୋର୍ସ। ରାଷ୍ଟ୍ରପତିଙ୍କ ୩ ତାରିଖ ବାଲେଶ୍ୱର ଗସ୍ତରେ ଆସୁଛନ୍ତି। ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ଫକୀରମୋହନ ବିଶ୍?ବିଦ୍ୟାଳୟ ର ୧୨ ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ ଏବଂ ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ଗସ୍ତ ରହିଛି। ଦୁଇଟି ଜିଲ୍ଲାରେ ବ୍ଲୁ ବୁକ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସବୁ ସୁରକ୍ଷା ନିୟମ ଅନୁଯାୟୀ ଦୁଇ ଜିଲ୍ଲାର ଏସ୍ପି ତଦାରଖ କରୁଛନ୍ତି। ଏହାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରାଯାଇଛି। ହେଲିପେଡ, ଟ୍ରାଫିକ, କ୍ରାଉଡ ମ୍ୟାନେଜମେଣ୍ଟ କୁ ଗୁରୁତ୍ୱ ସହକାରେ କରାଯାଏ। ଆଜି ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ପୁଲିସର ରିହଲସେଲ୍ ଓ ବ୍ରିଫିଁ ସରିଛି। ଏଫ୍ଏମ ବିଶ୍ୱବିଦ୍ୟାଳୟରେ ୩ ଜଣ ଏସ୍ପି ର୍ୟାଙ୍କ ଅଫିସର, ୬ ଜଣ ଅତିରିକ୍ତ ଏସ୍ପି, ୧୦ ରୁ ଊର୍ଦ୍ଧ୍ୱ ଡ଼ିଏସପି ସହ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ବିଭିନ୍ନ କାର୍ଯ୍ୟକ୍ରମରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ପାଣି ପାଇଁ ତାତିଲେ ଗାଁ ଲୋକେ

# ରାସ୍ତାରେ ଗରା, ଡେକଚି ରଖି ଆନ୍ଦୋଳନ

ନୀଳଗିରି, ୨।୨ (ସମିସ)



ନୀଳଗିରି ବ୍ଲକରେ ଗ୍ରୀଷ୍ମଋତୁ ଆରମ୍ଭ ନ ହେଉଣୁ ଆରମ୍ଭ ହୋଇଯାଇଛି ପାନୀୟଜଳ ସଙ୍କଟ। ପିଇବା ପାଣି ପାଇଁ ଦହଗଞ୍ଜ ହୋଇ ହାଣ୍ଡି, ଗରା, ବାଲ୍ଟି ରଖି ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ। ବାଇଁଚାରୁ ନରଣପୁରକୁ ସଂଯୋଗ କରୁଥିବା ରାସ୍ତାର ଆଡିଆଖୁଣ୍ଟା ଛକ ନିକଟରେ ରାସ୍ତା ଅବରୋଧ କରାଯାଇଥିବା ବେଳେ ଉଭୟ ପଟରେ ଗାଡ଼ିମଟର ଅଟକି ରହିଥିବା ଦେଖିବାକୁ ମିଳିଛି। ମାଟିଆଳୀ ପଞ୍ଚାୟତ ଅଧୀନ ଆଡିଆସାହି, ଡମ୍ବୁରିଆ ଓ ରାମସିଂସାହି ଗ୍ରାମକୁ ବସୁଧା ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇଥିଲେ ହେଁ କିଛିଦିନ ଧରି ଜଳଯୋଗାଣ ବନ୍ଦ ରହିଛି। ଫଳରେ ପାନୀୟଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟବାସିନ୍ଦା। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନାହିଁ। ଶେଷରେ ଆଜି ସକାଳେ ଶହଶହ ମହିଳା ଗରା, ବାଲତି, ହାଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଅବରୋଧ ଜାରି ରହିଥିଲା। ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ, ପ୍ରତିଭା ବାରିକ ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଖୁବଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସ୍କୁଲ ସମ୍ମୁଖରେ ଛାତ୍ରୀଙ୍କୁ ପିଟିଲା ବାଇକ୍

ଜଳେଶ୍ୱର, ୨।୨ (ସମିସ) : ନୂଆବଜାରସ୍ଥିତ ଜଳେଶ୍ୱର ପିଏମ୍ଶ୍ରୀ ହାଇସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ଦାସ ବିଦ୍ୟାଳୟକୁ ଆସୁଥିବା ବେଳେ ସ୍କୁଲ ସମ୍ମୁଖରେ ଏକ ବାଇକ୍ ଧକ୍କାରେ ଆହତ ହୋଇଛନ୍ତି। ତୁରନ୍ତ ତାଙ୍କୁ ଜିକେଭଟ୍ଟର ହସ୍ପିଟାଲ ନିଆଯାଇ ଚିକିତ୍ସିତ କରାଯାଇ ଚାଲନ୍ତିସ୍ଥିତ ଗାଁକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ନୂଆବଜାର ଠାରୁ ତାରିଣୀଛକ ପର୍ଯ୍ୟନ୍ତ ରାସ୍ତା ସବୁବେଳେ ଭିଡ ରହୁଥିବାରୁ ସ୍କୁଲ ସମ୍ମୁଖରେ ଏକ ହମ୍ପସ୍ ନିର୍ମାଣ ଲାଗି ବିଦ୍ୟାଳୟ ପକ୍ଷରୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଓ ପୂର୍ତ୍ତ ବିଭାଗକୁ ଚିଠି ଲେଖାଯାଇଥିବା ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା କହିଛନ୍ତି।

■ ନୀଳଗିରି ବିଧାୟକ ଠକେଇ କରି ଜମି ହଡ଼ପ ଘଟଣା

# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା



ବାଲେଶ୍ୱର,୨।୨(ସମିସ): ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଜାଲିଆତି କରି ଜମି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏପରିକି କୋର୍ଟରେ ମାମଲା ଚାଲୁଥିବାବେଳେ ଶ୍ରୀ ଖଟୁଆ ୬୧ଡେସିମିଲ ଜମିକୁ ନିଜ ପତ୍ନୀ ଏବଂ ଝିଅଙ୍କ ନାମରେ କିଣିଛନ୍ତି। ଏହାକୁ ନେଇ ନୀଳଗିରି ଥାନା ଅଧିନ ସଜନାଗଡ ଅଞ୍ଚଳର ଇଶ୍ୱରଚନ୍ଦ୍ର ସାହୁଙ୍କ ପୁଅ ଗଜେନ୍ଦ୍ର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏଥିରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ସୋମବାର ବାଧ ହୋଇ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିବା ସହ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି।

ବିଧାୟକ ଶ୍ରୀ ଖଟୁଆ ନିଜ ନାମରେ ୨୦ଡେସିମିଲ, ପତ୍ନୀଙ୍କ ନାମରେ ୨୬ଡେସିମିଲ ଏବଂ ଝିଅଙ୍କ ନାମରେ ୧୫ଡେସିମିଲ ଜମି କିଣିଛନ୍ତି। ନୀଳଗିରି କୋର୍ଟରେ ୨୦୧୬ମସିହା ଠାରୁ ଏନେଇ ମାମଲା ଚାଲିଥିବା ବେଳେ କିପରି ଭାବେ ସେ ଜମି କିଣିଛନ୍ତି ବୋଲି ଗଜେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ତାଙ୍କ ଜେଜେ ବାପା ଦୀନବନ୍ଧୁ ସାହୁ ୧୯୨୦-୨୧ ମସିହା ସାବକ ବନ୍ଦୋବସ୍ତରେ ପ୍ରକାଶିତ ଖତିଆନ ଅନୁସାରେ ଜାଗା କ୍ରୟ କରି ଘର ଓ ଘରବାରୀରେ ରୂପାନ୍ତରଣ କରି ୧୯୪୧ମସିହା ଓ ମେଜର ବନ୍ଦୋବସ୍ତ ଖତିଆନ ପ୍ରକାଶନ୧୯୭୮ ମସିହାଠାରୁ ରହି ଆସୁଛନ୍ତି। ଉକ୍ତ ସଜନାଗଡ ଜାଗାରେ ଅଭିଯୋଗକାରୀଙ୍କ ନାମରେ ଦୁଇଟି ଘର ବ୍ୟତିତ ଅନ୍ୟ କୌଣସି ବସବାସ ଗୃହ ନଥିବା ବେଳେ ତାଙ୍କ ସମ୍ପର୍କୀୟଙ୍କ ନାମରେ ତିନୋଟି ପକ୍କା ଘର ରହିଛି। ହେଲେ ବିଧାୟକ ପାୱାର ଅଫ ଅଟର୍ଣ୍ଣିକୁ ନକଲ କରି ଏହି ଜାଗା କିଣିଛନ୍ତି। ଏ ନେଇ ସେମାନେ ଭିଜିଲାନ୍ସ ବିଭାଗ ଠାରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅନ୍ୟପଟେ ଆସନ୍ତା କାଲି ରାଷ୍ଟ୍ରପତି ବାଲେଶ୍ୱର ଆସୁଥିବା ବେଳେ ତାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ମଗାଯାଇଥିଲେ ମଧ୍ୟ ତାଙ୍କୁ ଅନୁମତି ମିଳିନଥିଲା। ତେବେ ଆଜି ଗଜେନ୍ଦ୍ରଙ୍କ ସହ ପରିବାର ସଦସ୍ୟ ରାଜୀବ ସାହୁ, ସସ୍ମିତା ସାହୁ, ରମଣୀ ସାହୁ, ମନୋରଞ୍ଜନ ସାହୁ, ମଧୁସ୍ମିତା ସାହୁ, ସାବିତ୍ରୀ ସାହୁ ପ୍ରମୁଖ ଧାରଣାରେ ବସିଛନ୍ତି।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମମହୋତ୍ସବ

ଖଇରା,୨।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ସତସଙ୍ଗ କେନ୍ଦ୍ର ପରିସରରେ ରବିବାର ଦିନ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ପାଳିତ ହୋଇ ଯାଇଛି। ଉକ୍ତ ଦିବସବ୍ୟାପି କାର୍ଯ୍ୟକ୍ରମରେ ୫ହଜାରରୁ ଉର୍ଦ୍ଧ ଭକ୍ତ ଯୋଗଦେଇଥିଲେ। ଏଥିରେ ସହପ୍ରତିରିତିକ ସମିରଣ ଦେ ଓ ଭୁବନେଶ୍ୱରରୁ ଆସିଥିବା ଅଭିଜିତ ପାଣିଗ୍ରାହୀ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇ ଠାକୁରଙ୍କ ଦର୍ଶନ,ଆଦର୍ଶ ଓ ଜୀବନର ସଠିକ ପଥ ସମ୍ପର୍କରେ ମାର୍ମିକ ବାଣି ଶୁଣାଇଥିଲେ। ଏହି ଅବସରରେ ଡା ଉପେନ୍ଦ୍ର ଖଟୁଆ ଓ ରାଧାରଞ୍ଜନ ଦାସଙ୍କ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ମହେଶ୍ୱର ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ନାରାୟଣ ପରିଡାଙ୍କ ସମେତ ସମସ୍ତ ଗୁରୁଭାଇ ଓ ମାତୃମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନୀଳଗିରି, ୨।୨ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମ ପଞ୍ଚାୟତ ଅଧୀନ ଦକ୍ଷିଣ କୁଅଁର ପୁର ସ୍ଥିତ ସାଇ ଗୈରାଙ୍ଗ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ପର୍ବକୁ ଅବସର ପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଶ୍ୟାମସୁନ୍ଦର ପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ଉତ୍ସବର ଉଦଘାଟକ ବିଶିଷ୍ଟ ଗାନ୍ଧୀବାଦୀ ପ୍ରଚାରକ ସମାଜସେବୀ ସର୍ବେଶ୍ୱର ଦାଶ, ବିଦ୍ୟାଳୟର ସଂପାଦିକା ଜ୍ୟୋସ୍ନା ରାଣୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ପାଣିଗ୍ରାହୀ, ବିଦ୍ୟାଳୟର ଭାଇସ୍ ପ୍ରିନ୍ସିପାଲ ଗୀତାଞ୍ଜଳି ସାହୁ ପ୍ରମୁଖ ବକ୍ତବ୍ୟ ରଖି ଥିଲେ। ନୀଳଗିରି ଗଡ଼ଜାତ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସହିଦ ମାନଙ୍କର ଫଟୋ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ପୁରୁଷୋତ୍ତମ ସେଠୀ ଉଦଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ମଲିକ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ୪ ଘଟିକା ସମୟରେ ଦ୍ୱିତୀୟ ଅଧିବେଶନ ବିଦ୍ୟାଳୟର ସଭାପତି ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଏଣ୍ଟ କମିଶନର, ବାଣିଜ୍ୟକର ଓ ଜିଏସଟି ଅକ୍ଷୟ କୁମାର ପଣ୍ଡା, ମୁଖ୍ୟବକ୍ତା ଯୁବ କବି ତଥା ସାହିତ୍ୟିକ ଇଂ ସୁରେଶ ଚନ୍ଦ୍ର ବେହେରା, ବରେଣ୍ୟ ଅତିଥି ସୁଜିତ ମହାନ୍ତି ବିଜ୍ଞାନର ଖସଡ଼ା ଭିତରେ ଛାତ୍ରଛାତ୍ରୀ ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ବାଖ୍ୟା କରିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ଅତୁଲ ସ ପ୍ରତିଷ୍ଠାତାକୁ ଧନ୍ୟବାଦ ଦେଇଥିଲେ। ବରେଣ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ଚୈଧୁରୀ, କବି ସୁନିଲ ମିଶ୍ର, ଶିକ୍ଷାବିତ ତଥା ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟର ମାର୍ଗ ଦର୍ଶକ ଶନୈଷ୍ଟ ରଞ୍ଜନ ବେହେରା ବିଦ୍ୟାଳୟର ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବାସନ୍ତୀ ଲେଙ୍କା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ସୁଜୟାଲକ୍ଷ୍ମୀ ବେହେରା ଓ ଜ୍ୟୋତିପ୍ରକାଶ ମହାନ୍ତି ଉପସ୍ଥାପନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱପ୍ନାଲି ଦାସ ଓ ସବିତା ରାଉତ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ କର, ମାନସୀ ସାହୁ, ମନ୍ଦାକିନୀ ସାହୁଙ୍କୁ ଗୌରାଙ୍ଗ ଚରଣ ଶ୍ରେଷ୍ଠ ଶିକ୍ଷୟିତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ର ଓ ଅଭିଭାବକ ସମ୍ମିଳନୀ ଓ ସାଧାରଣ ସଭା



ଭୋଗରାଇ, ୨।୨ (ସମିସ): ଭୋଗରାଇ ବ୍ଲକ ଶ୍ରୀବସ୍ତପୁର ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ପସରବିନ୍ଧା ପଞ୍ଚାୟତର ଆଉସା ପ୍ରଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ଅଭାବ ସହିତ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ଜେନାଙ୍କ ଅବସର ପାଇଁ ଛାତ୍ର ଓ ଅଭିଭାବକ ସମ୍ମିଳନୀ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପସରବିନ୍ଧା ଆଞ୍ଚଳିକ ସାଧନ କେନ୍ଦ୍ରର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନୁପମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁମନ୍ତ ବେହେରା ଯୋଗଦେଇ ପ୍ରଧାନ ଶିକ୍ଷକଙ୍କ ଅବସର ନେବାରୁ ଜୟନ୍ତ ସାରଙ୍କ ଅଭାବ ବିଦ୍ୟାଳୟ ପାଇଁ ଭାରି ପଡିଥିବା ଏବଂ ସରକାର ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତି ନଦେବା ଯାଏଁ କାର୍ଯ୍ୟ ତୁଲାଇବା ପାଇଁ ନିବେଦନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ଘଡ଼ାଇ, ସାମ୍ବାଦିକ ଶିଶିର କୁମାର ପ୍ରଧାନ, ପ୍ରାକ୍ତନ ଶିକ୍ଷକ ହରି ନାରାୟଣ ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଜ୍ୱଳ କୁମାର ଦଳାଇ, ଶିକ୍ଷକ ମଧୁସୂଦନ ଜେନା ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସ୍ଥିତି ସହ ଜୟନ୍ତ ସାରଙ୍କ ସେବା ନିବୃତ ଜନୀତ ସମସ୍ୟା ବିଷୟରେ ଆଲୋଚନା ସହ ଅବସର ନେଇଥିବା ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ଜେନାଙ୍କୁ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରିଥିଲେ। ସରକାରୀ ସ୍ତରରେ ଖୁବଶିଘ୍ର ଅଷ୍ଟମ ଶ୍ରେଣୀ ଯାଏଁ ଖୋଲା ଯିବା ବିଷୟ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସୂଚନା ଦେଇଥିଲେ। ଘରେଇଭାବେ ଶିକ୍ଷା ଦାନ କରୁଥିବା ଶିକ୍ଷୟିତ୍ରୀ ସାଧନା ଜେନା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ଅଞ୍ଜନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଐତିହାସିକ ପତିରାଜପୁର ମେଳା ପ୍ରସ୍ତୁତି ବୈଠକ

ଖଇରା,୨।୨ (ସମିସ): ବାଲେଶ୍ୱର ଜିଲା ପ୍ରସିଦ୍ଧ ପତିରାଜପୁର ମେଳା ଆଉ ୧ମାସ ଥିବା ବେଳେ ଏବେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ମେଳା ମଣ୍ଡପରେ ପିତାମ୍ବର ପଟ୍ଟନାୟକଙ୍କ ପୌରହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରୀଙ୍କ ଆଗମନ ତଥା ଯାତାୟାତକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଡିଜେ ସମ୍ପୁର୍ଣ୍ଣ ନିଶିଦ୍ଧ ରଖିବା ତଥା ପୁର୍ବରୁ ଯାତ୍ରା ହେଉଥିବା ପଡିଆରେ ପ୍ରବଳ ଜନସମାଗମକୁକୁ ଗୁରୁତ୍ୱ ଦିଆଯାଇ ଏଥରେ ଏହି ପଡିଆରେ ଯାତ୍ରା ପରିବେଷଣ ପାଇଁ ଅନୁମତି ଦିଆନଯିବାକୁ ନିଷ୍ପତ୍ତି ନିଆଯାଇଛି। ଏବଂ ଏ ସଂକ୍ରାନ୍ତରେ କମିଟି ତରଫରୁ ଖଇରା ପୁଲିସକୁ ଅବଗତ କରାଯିବ। ଚଳିତ ବର୍ଷ କିଛି ଦିବଂଗତ ସଦସ୍ୟଙ୍କ ସ୍ଥାନରେ ନୂତନ ସଦସ୍ୟ ଗ୍ରହଣ କରାଯାଇଥିବା ବେଳେ ରାଧାକୃଷ୍ଣ ମନ୍ଦିର ସମ୍ପୂର୍ଣ୍ଣ ଉପରେ ଅନ୍ୟମନ୍ଦିର ମାଲିକଙ୍କ ସହଯୋଗ କାମନା କରାଯାଇଥିଲା। ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଉପସଭାପତି ପ୍ରତାପ କୁମାର ପଣ୍ଡା, ସମ୍ପାଦକ ଗୌରାଙ୍ଗ ପାଣି, ନିର୍ମଳ ଚନ୍ଦ୍ର ପଣ୍ଡା, ସମ୍ପଦ ଘଡେଇ, କ୍ଷେତ୍ରମୋହନ ଖଟୁଆ, ବାଳକୃଷ୍ଣ ଦାଶ, ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲଚିକି ଲିପିର ଆରାଧ୍ୟ ଦେବତା ବିଦୁଚାନ୍ଦାନଙ୍କ ପୂଜା ଦିବସ

ବାଲେଶ୍ୱର,୨।୨(ସମିସ): ମାଘମାସ ପୂର୍ଣ୍ଣିମା ତିଥିରେ ସାନ୍ତାଳ ଜନଜାତିଙ୍କ ବିଶ୍ୱାସ ଅନୁସାରେ ବିଦ୍ୟାର ଦେବତା "ବିଦୁ ଚାନ୍ଦାନ"ଙ୍କୁ ପୂଜା କରାଯାଇଥାଏ। ଆବିଷ୍କାର କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ ମସିହାରେ ସାନ୍ତାଳୀ ଭାଷା ନିମନ୍ତେ ଅଲଚିକି ଲିପିର ବ୍ୟବହାର ଆରମ୍ଭ କରିଥିଲେ। ୨୦୦୩ ମସିହା ଡିସେମ୍ବର



ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏହି ପବିତ୍ର ପର୍ବ ପାଳନ କରାଯାଇଥିଲା। ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରସ୍ଥିତ ଦାଣ୍ଡବୋସ ଗ୍ରାମ ନିକଟସ୍ଥ ଏକ କାପିବୁରୁ ଠାରେ ସର୍ବ ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁ ଧ୍ୟାନମଗ୍ନରେ ଲିପ୍ତ ହୋଇଥିଲେ ଓ ଠିକ୍ ସେହି ସମୟରେ ଅଲଚିକି ଲିପିର ଦେବତା "ବିଦୁ ଚାନ୍ଦାନ"ଙ୍କ ଆବିର୍ଭାବ ହୋଇଥିଲା। ଏଥିସହ ବିଦୁ ଚାନ୍ଦାନଙ୍କ ଅଲୌକିକ ଶକ୍ତି ବଳରେ ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକି ଲିପିକୁ ୨୨ ତାରିଖରେ ଅଲଚିକି ଭାଷାକୁ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରିଥିଲେ। ସାନ୍ତାଳି ଭାଷାକୁ ୨୦୦୩ ମସିହାରେ ଭାରତ ସମ୍ବିଧାନର ଅଷ୍ଟମ ଅନୁଛେଦରେ ସାମିଲ କରାଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ସାନ୍ତାଳୀ ପାଠ୍ୟକ୍ରମର ସଂଯୋଜକ ଡ଼କ୍ଟର ଜୟନ୍ତ କୁମାର ଦାସ, ସହାୟକ ଅଧ୍ୟାପିକା ସୁମିତ୍ରା ଟୁଡୁ, ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର, ସଂସ୍କୃତ ବିଭାଗ ଅଧ୍ୟାପକ ଡ଼କ୍ଟର ଦେବାଶିଷ ମିଶ୍ର, ଅଧ୍ୟାପିକା ମମତା ପ୍ରଧାନଙ୍କ ସହ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଶ୍ରୀରାମଚନ୍ଦ୍ର ପବ୍ଲିକ ସ୍କୁଲରେ ବାର୍ଷିକ ଉତ୍ସବ




ରେମୁଣା,୨।୨(ସମିସ): ଶ୍ରୀରାମଚନ୍ଦ୍ର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଲୋକନାଥ ସେଠୀଙ୍କ ଅଧକ୍ଷତାରେ ଭୀମପୁରାଠାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଯୁବସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ବିଧାନ ଚନ୍ଦ୍ର ରାୟ, ସମ୍ମହ୍ନନୀୟଅତିଥି ଭାବେ ସ୍କୁଲର ଅଧକ୍ଷ୍ୟ ଅଖିଳଚନ୍ଦ୍ର ଦାସ, ସ୍କୁଲ ପରିଚାଳନା କମିଟିର ସମ୍ପାଦକ ସତ୍ୟଜିତ ଜେନ, ସ୍କୁଲର ପରିଚାଳକ ଅନିଲ ପାଢ଼ୀ ଯୋଗ ଦେଇଥିଲେ। ମଧୁମିତା ରାଉତ ଓ ନିବେଦିତା ନାୟକ ମଞ୍ଚ ପରିଚାଳନା କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରତି ଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତ ଭୂଷଣ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାକିଡିଆ ଟସର ଶିଳ୍ପୀଙ୍କୁ ପ୍ରଶିକ୍ଷଣ



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨।୨ (ସମିସ): ମାକିଡ଼ିଆ ଝଗଡେଶ୍ୱର (ଏସସିଏସ) ବୁଣାକାର ସୋସାଇଟି ପରିସରରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଓ ହେପି ଫାଉଣ୍ଡେସନ ପକ୍ଷରୁ ୩୦ ଜଣ ମହିଳାଙ୍କୁ ଆଧୁନିକ ଡିଜାଇନ୍‌ରେ ବୁଣାକାମ କରିବା ପାଇଁ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଛି। ବୁଣକାର ପରିବାରମାନଙ୍କ ନିକଟକୁ କିପରି ସେମାନଙ୍କ ସମସ୍ତ ସୁବିଧା ସୁଯୋଗ ସିଧାସଳଖ ଭାବେ ପହଞ୍ଚି ପାରିବ ଓ ପ୍ରଶିକ୍ଷଣ ଜରିଆରେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ସଂପର୍କରେ ଭୁବନେଶ୍ୱରରୁ ଆସିଥିବା ମନିତା ମେହେର ଓ ସିଏସ ମହେଶ ଆଲୋଚନା କରିଥିଲେ। ଏହିକାର୍ଯ୍ୟକ୍ରମ ୪୫ ଦିନ ଚାଲିବାକୁ ଥିବାବେଳେ ସଂପାଦକ ତପନେଶ୍ୱର ସାହୁ, ସଭାପତି ତାପସ ଚନ୍ଦ, ସତ୍ୟନାରାୟଣ ଦାସ, ରାସ ବିହାରୀ ରଣା, ଭବାନୀ ଶଂକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୩ଦିନିଆ ପ୍ରତିଭା ମହୋତ୍ସବ ଉଦ୍‌ଯାପିତ



ଖଇରା,୨।୨ (ସମିସ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ପଡିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୩ଦିନିଆ ପ୍ରତିଭା ମହୋତ୍ସବ ରବିବାର ସଂଧ୍ୟାରେ ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ନାଚଗୀତର ମୂର୍ଚ୍ଛନାରେ ଉଦ୍‌ଯାପିତ ହୋଇ ଯାଇଛି। ଉପଦେଷ୍ଟା ଡା ହରେକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଶିଷ୍ଟ ଉଦ୍ୟୋଗପତି ବିପିନ ବିହାରୀ ଦାସମହାପାତ୍ର ମୁଖ୍ୟଅତିଥି, ଶିଶୁରୋଗ ବିଶେଷଜ୍ଞ ଡା ବ୍ରଜ ସୁନ୍ଦର ସ୍ୱାଇଁ, ଖଇରା ସରପଞ୍ଚ ମାଳତୀ ସେଠୀ, ସମିତି ସଭ୍ୟା ନର୍ମଦା ଦେଓ, ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି, ପ୍ରାକ୍ତନ ସମିତିସଭ୍ୟ ପ୍ରଭାସ ଚନ୍ଦ୍ର ବାରିକ, ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ଶିକ୍ଷୟିତ୍ରୀ ସୁଲୋଚନା ଭୋଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ରଘୁନାଥ ପତ୍ରୀ ବିବରଣୀ ପାଠ, ସ୍ନେହଲତା ପରିଡା ଓ ସୁଦର୍ଶନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ବେଜ, ନାରାୟଣ ବେହେରା, ମାୟାଧର ବୈଶାଖ, ନରହରି ସାହୁ, ଉପେନ୍ଦ୍ର ଭୁଜବଳ,ଗଗନ ବିହାରୀ ପଣ୍ଡା, ଲମ୍ବୋଦର ପଣ୍ଡାଙ୍କ ସମେତ ଶଙ୍ଖଫୁଙ୍କା ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଶନିବାରର ଦ୍ୱିତିୟ ସଂଧ୍ୟାରେ ବୁଦ୍ଧିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ତହସିଲଦାର ଅମିତ ରଞ୍ଜନ ହୋତା ମୁଖ୍ୟଅତିଥୀ, ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ରାଉତ,ଏଲଆଇସି ଅଧିକାରୀ ଡ. ଗୌରଚନ୍ଦ୍ର ପଣ୍ଡା,ପ୍ରାକ୍ତନ ଜିଲା ପରିଷଦ ରାଧାକାନ୍ତ ପାତ୍ର,ଯୁବନେତା ଅଶୋକ କୁମାର ଦାସମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଭା ପରିବାରର ସମସ୍ତ ସଭ୍ୟ ପଳସା, ନଛିପୁର ଓ କୁଡିଆସାହି ଗ୍ରାମବାସୀ ୩ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓରିପ୍ଲାଷ୍ଟ କାରଖାନାରେ ସ୍ୱାସ୍ଥ୍ୟ ଶିବିର




ବାଲେଶ୍ୱର,୨।୨(ସମିସ): କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱରର ଓରିପ୍ଲାଷ୍ଟ କାରଖାନା ପ୍ରାଙ୍ଗଣରେ ଏକ ବିଶାଳ ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଡ. ସଙ୍ଘମିତ୍ରା ଜେନା, ଯୁଗ୍ମ ନିର୍ଦ୍ଦେଶକ, ଡ. ମନୋଜ କୁମାର ହାଁସଦା, ଯୁଗ୍ମ ନିର୍ଦ୍ଦେଶକ, ଡ. ଜଗଦୀଶ ପ୍ରସାଦ ଦାସ, ଶିଶୁ ବିଶେଷଜ୍ଞ, ଡ. ଏ ଆର ଅଭିଷେକ, ଅସ୍ଥିଶଲ୍ୟ ବିଶେଷଜ୍ଞ, ଡ. ରଞ୍ଜନ କୁମାର ସାମଲ, ମାଇକ୍ରୋ ବାୟୋଲୋଜିଷ୍ଟ, ଡ. ରଞ୍ଜିତା ପ୍ରଧାନ, ଔଷଧ ବିଶେଷଜ୍ଞ ତଥା ବାଲେଶ୍ୱର ରାଜ୍ୟ ବୀମା ଚିକିତ୍ସାଳୟର ମୁଖ୍ୟ, ଡ. ସୁବ୍ରତ କୁମାର ଦାସ, କୁମାରୀ ଜ୍ୟୋତିର୍ମୟୀ ପଣ୍ଡା ଓ କୁମାରୀ ତପସ୍ୱିନୀ ସାହୁ ଓ ସମସ୍ତ ସହକର୍ମୀ ଶିବିରକୁ ପରିଚାଳନା କରିଥିଲେ। ବାଲେଶ୍ୱରର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ, ସ୍କୁଲ, କଲେଜମାନଙ୍କର ବୀମାଭୁକ୍ତ କର୍ମଚାରୀମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପ୍ରାୟ ୧୦ ପ୍ରକାରର ବିଭିନ୍ନ ପରୀକ୍ଷା ହୋଇଥିଲା। ସମସ୍ତ ବୀମାଭୁକ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଔଷଧ ଓ ଖାଦ୍ୟ ପ୍ରଦାନ କରାଯାଇଥିଲା। ଓରିପ୍ଲାଷ୍ଟ ମୁଖ୍ୟ ପି କେ ଦଣ୍ଡେ, ବିଜୟ କୁମାର ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ସୋର,୨।୨(ସମିସ): ସୋର ଥାନା ଗୋପିନାଥପୁର ପଞ୍ଚାୟତ ଦିଗିଭଅଁରା ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ମହିଳାଙ୍କ ସ୍ୱାମୀକୁ ଗିରଫ କରାଯାଇଛି। ଗତ ୧୮ ତାରିଖରେ ଏହି ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ଏକ ଗ୍ରୁପରୁ ଟଙ୍କା ଉଠାଇଥିଲେ। ଏହାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଅହଲ୍ୟା ବିଷ ପିଇ ଦେଇଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଅହଲ୍ୟାଙ୍କ ବାପଘର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ୬୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି କରୁଣାକୁ ସୋର ପୁଲିସ ଗିରଫ କରିଥିବା ବେଳେ ଆଜି ପୂର୍ବାହ୍ନରେ ସୋର ମେଡିକାଲରେ ତା'ର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ସୁଶୀଳା ତିରିଆଙ୍କ ବିୟୋଗରେ ଶୋକ




ରାଜଘାଟ, ୨।୨ (ସମିସ): ପୂର୍ବତନ ସାଂସଦ ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶୀଳା ତିରିଆଙ୍କ ବିୟୋଗ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଂଚାୟତ ସ୍ଥିତ ସାନଖୁଡୀ ଠାରେ ଥିବା ଲକ୍ଷ୍ମୀ ବାସନ୍ତୀ ଆବାସିକ ବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସଂଗେ ସଂଗେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଡ. ଅମର କୁମାର ପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଯୁବ ନେତା ଇଂ ସୁଧାଂଶୁ ଶେଖର ଜେନା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ସରକାରୀ ଅଧିକାରୀ ରଜନୀକାନ୍ତ ପରିଡା, ସମ୍ପାଦିକା ମଞ୍ଜୁଲତା ବିଶ୍ୱାଳ, ଉପଦେଷ୍ଟା ଶ୍ରୀଧର ଦାସ ଯୋଗ ଦେଇ ଉପସ୍ଥିତ କର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ନିକଟରେ ସ୍?ର୍ଗତା ତିରିଆଙ୍କ ଗୁଣାବଳୀ ଉଲ୍ଲେଖ କରିଥିଲେ। ସେ ସାଂସଦ ଥିବାବେଳେ ଦୁଇ ହଜାର ସାତ ମସିହା ଜୁନ ଚାରି ତାରିଖ ଦିନ ଏହି ଅନୁଷ୍ଠାନର ଚତୁର୍ଥ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ପ୍ରଥମେ ଏହି ଅନୁଷ୍ଠାନ ଟିକୁ ସହାୟତା ପ୍ରଦାନ କରିଥିଲେ। ଆଜି ଅନୁଷ୍ଠାନଟି ବେଶ୍ ପ୍ରତିଷ୍ଠିତ ହୋଇପାରିଛି। ତାଙ୍କ ଦାନକୁ ଏ ଅନୁଷ୍ଠାନ କେବେ ବି ଭୁଲି ପାରିବ ନାହିଁ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। କାଳଖୁମାଣୀ ଗାଁ ରୁ ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ଯାତ୍ରା ନିଶ୍ଚୟ ସଂଘର୍ଷମୟ ବୋଲି ଉପସ୍ଥିତ ବକ୍ତା ମାନେ କହିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଶେଷରେ ଅଧ୍ୟକ୍ଷା ଅପରାଜିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଯତୀନ୍ଦ୍ର ନାଥ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

କାଳିପଦା, ୨।୨ (ସମିସ): ସମାଜ ସେବୀ, ଲେଖକ, କବି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ନାଥ ଜେନାଙ୍କ ଏକାଦଶାହ କ୍ରିୟାରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ନାରାୟଣ ପ୍ରସାଦ ସାହୁଙ୍କ ପୌରହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ସୁଶାନ୍ତ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପରିଷଦର ସମ୍ପାଦକ ଡ. ବଂକିମ ଜେନା, ଦେବୀ ଦାସ ମହାପାତ୍ର, ରାଜକୃଷ୍ଣ ପାତ୍ର, କବି ସନ୍ନ୍ୟାସୀ ବେହେରା, ବିଜୟ କୁମାର ପାତ୍ର, କବି କାଳିକିଙ୍କର ଦାସ, ସୌଭାଗିନୀ ମିଶ୍ର, ଭୀମ ଚରଣ ସାମଲ, ମନ୍ମଥ କୁମାର ସାହୁ, ଭୃଗୁରାମ ବିଶ୍ୱାଳ, ସ୍ୱର୍ଗତ ଯତୀନ୍ଦ୍ର ସାରଙ୍କର ମହତ ଗୁଣ, ବିନୟ ଭାବ, ନିରହଂକାର ଗୁଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୁଅ ନିହାର କାନ୍ତି ଜେନା, ଝିଅ ଅଞ୍ଜଳି ଜେନା, ନୀଳିମା ଦାସ, ନିରୋଦ ନଳିନୀ ଜେନା, ଶାନ୍ତିଲତା ଜେନା ଓ ନାତି ପ୍ରଣବ ଓ ପିୟୁଷ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରିଥିଲେ।

## ନାରୀଙ୍କୁ ସମର୍ପିତ ଜଳେଶ୍ୱର ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ଜଳେଶ୍ୱର, ୨।୨ (ସମିସ): ଜଳେଶ୍ୱର ମହୋତ୍ସବର ଚତୁର୍ଥ ସନ୍ଧ୍ୟା ନାରୀମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ସନ୍ଧ୍ୟା ଭାବରେ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ଜଗନ୍ନାଥ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଆଜିର ସମୟରେ ମହୋତ୍ସବର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ସାର ଓ ରସାୟନ ବିଭାଗ ନିର୍ଦ୍ଦେଶିକା ଓ ବିଜେପି ନେତ୍ରୀ ସିପ୍ରା ବାଜପେୟୀ ଯୋଗ ଦେଇଥିବା ଅଂଚଳର ବିକାଶ ମହୋତ୍ସବ ସହିତ ଜଡିତ ବୋଲି ମତବ୍ୟକ୍ତ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷା ସଂଜୀତା ସେନାପତି, ଅବସରପ୍ରାପ୍ତ ଅଧ୍ୟାପିକା ଇନ୍ଦୁମତୀ ଗିରି ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ବିକାଶ ସହିତ ବର୍ତ୍ତମାନର ପରିସ୍ଥିତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ସମାଜସେବୀ ଅପର୍ଣ୍ଣା ନନ୍ଦୀ ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନର ସମ୍ପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳେଶ୍ୱର ବିଧାୟକଙ୍କ ରିଭ୍ୟୁ ମିଟିଂ

# ନିଜସ୍ୱ ଘର ନଥିବା ଅଙ୍ଗନବାଡ଼ି ସ୍କୁଲରେ ଚାଲିବ

ବସ୍ତା ବ୍ଲକ, ୨।୨ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସଭାଗୃହରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ରିଭ୍ୟୁ ମିଟିଂ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବାଲେଶ୍ୱର ଏଡିଏମ, ବସ୍ତା ବିଡ଼ିଓ, ତହସିଲଦାର, ସିଡିପିଓ ବସ୍ତା ଓ ଜଳେଶ୍ୱର, ପୂର୍ବତନ ଭାରପ୍ରାପ୍ତ ସିଡିପିଓ ତଥା ସୁପର ଭାଇଜର ସ୍ନେହଲତା ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ବିଧାୟକ ବିଭିନ୍ନ ବିଭାଗ ଉପରେ ଆଲୋଚନା କରିଥିଲେ। ବସ୍ତା ବ୍ଲକ ର ୧୪ ଟି ପଞ୍ଚାୟତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ମଧ୍ୟରୁ ୮ ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ରୁ ସ୍କୁଲ ବାରଣ୍ଡାରେ ହେଉଛି। ଫଳରେ ଛୋଟ ଛୋଟ ପିଲା ବିପଦ ପୂର୍ଣ୍ଣ ଭାବେ ବସୁଛନ୍ତି। ତେଣୁ ନିଜସ୍ୱ ଗୃହ ନହେବା ପର୍ଯ୍ୟନ୍ତ ଏହି ଅଙ୍ଗନବାଡ଼ି କେନ୍ଦ୍ର କୁ ସ୍କୁଲ ଶ୍ରେଣୀ ଗୃହରେ କରିବାକୁ ପୂର୍ବତନ ଭାରପ୍ରାପ୍ତ ସିଡିପିଓ ଶ୍ରୀମତୀ ଦାସ ଏକ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଧାୟକ ସିକୃତୀ ପ୍ରଦାନ କରିଥିଲେ। ସକାଳ ୭ଟା ରୁ ଦିବା ୧୦ ଟା ପର୍ଯ୍ୟନ୍ତ ଏକ ଶ୍ରେଣୀ ଗୃହରେ ଏହି ଅଙ୍ଗନବାଡ଼ି ଚାଲିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ସ୍ୱୀକୃତି ପରେ ବସ୍ତା ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ବସ୍ତା ବିଇଓଙ୍କୁ ଚିଠି ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ବସ୍ତା ନିର୍ବାଚନ ମଣ୍ଡଳୀ ୧୭ ଟି ପଞ୍ଚାୟତରେ ଏହିଭଳି ସ୍ଥିତି ଦେଖି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଆଲୋଚନା ହୋଇଥିଲା। ସେହିପରି ବସ୍ତା ବ୍ଲକରେ ୩୨୯ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ଅନେକ ସରକାରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଥିବାରୁ ଅଙ୍ଗନବାଡ଼ି ମହିଳା କର୍ମୀ ଓ ସହାୟିକାଙ୍କୁ ନେଇ ବୈଠକ କରିବା ପାଇଁ ବହୁ ଅସୁବିଧା ହେଉଥିବାରୁ ଏକ ସ୍ୱତନ୍ତ୍ର ମହିଳା ସଭା ଗୃହ ସହ ତାଙ୍କ ପାଇଁ ଏକ ଶୌଚାଳୟ ପାଇଁ ପୂର୍ବତନ ଭାରପ୍ରାପ୍ତ ସିଡିପିଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରସ୍ତାବକୁ ଜଳେଶ୍ୱର ବିଧାୟକ ଶ୍ରୀ ପାତ୍ରଙ୍କ ସହ ବସ୍ତା ସିଡିପିଓ ଗିନ୍ଦିରୀ ମୁର୍ମୁ ସମର୍ଥନ ଦେଇଥିଲେ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୋଗରାଇ, ୨।୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଶ୍ରୀବସ୍ତପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବହୁ ଶିକ୍ଷକ ଶିକ୍ଷିକା ଯୋଗଦେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣେ ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ବୋଲି ମତ ପ୍ରକାଶ କରିଥିଲେ । ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଶୋକ କୁମାର ସାହୁ ମଞ୍ଚ ଆହ୍ୱାନ କରିଥିବାବେଳେ ରମେଶ ଚନ୍ଦ୍ର ସୁର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନା ରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ପରିଚାଳିତ ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଶିକ୍ଷକ ଅରୁଣ ପ୍ରଧାନ, ପୂର୍ବତନ କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବେନୁ ଚରଣ ଜେନା, ଗୌତମ କୁମାର ଦତ୍ତ, ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସ୍ୱାଗତ କୁମାର ସୁର, ସୁଦର୍ଶନ ଦାସ, ସୁଧାଂଶୁ ପାତ୍ର, କାର୍ତ୍ତିକ ଚନ୍ଦ୍ର ପାଳ, ଜଗବନ୍ଧୁ ଖଟୁଆ, ଜାକିର ହୁସେନ, ମୁଖ୍ୟ କିରାଣୀ ଇନ୍ଦୁଭୂଷଣ ଦାସ, ଅଣଶିକ୍ଷା କର୍ମଚାରୀ ରାଜୀବ ଲୋଚନ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରକାଶ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାଳୟରୁ ୨୫ ଜଣ ସିଆର ସିସି ସମସ୍ତ ଶିକ୍ଷିକା ଶିକ୍ଷକ, ଶିକ୍ଷାକର୍ମୀ ମାନେ ବ୍ୟାଣ୍ଡ ବାଦ୍ୟରେ ଉଚ୍ଛସିତ ସମ୍ବର୍ଦ୍ଧନା ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବାସ ଭବନକୁ ନେଇଥିଲେ।

## ଭିଟାମାଟି ବଞ୍ଚାଅ ଅଭିଯାନ ଓ ମଶାଲ ଯାତ୍ରା

କାଳିପଦା, ୨।୨ (ସମିସ): ଚୌମୁଖ ବନ୍ଦର ବିରୋଧୀ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଗୁରୁ ଗୌରାଙ୍ଗ ଛକଠାରେ ଭିଟାମାଟି ବଞ୍ଚାଅ ଅଭିଯାନ ଓ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ବନ୍ଦର ହଟାଅ, ପେଟ୍ରୋକେମିକାଲ ହଟାଅ, ଉପକୂଳ ରାଜପଥ ନିର୍ମାଣ ବନ୍ଦ କରାଯାଉ, ଡବଲ ଇଞ୍ଜିନ ସରକାର ହାଏ ହାଏ ଆଦି ନାରା ନେଇ ଏହି ଭିଟାମାଟି ବଞ୍ଚାଅ ଅଭିଯାନ ଓ ମଶାଲ ଶୋଭାଯାତ୍ରା ହୋଇ ଥିଲା। ଏଥିରେ କମିଟିର ନେତା ସୁବାଷ ଚୌଧୁରୀ, ଅରୁଣ ଜେନା, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ସୂଚନା ଅଧିକାର ଅଭିଯାନ ସଂଘ ସଭାପତି ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା ପ୍ରମୁଖଙ୍କ ନେତୃତ୍ୱରେ ଶହ ଶହ ପୁରୁଷ ମହିଳା ସାମିଲ ହୋଇ ଥିଲେ। ନେତାମାନେ କୌଣସି ପରିସ୍ଥିତିରେ ବନ୍ଦର କରାଇ ଦେବୁ ନାହିଁ ବୋଲି ଭାଷଣରେ ଉଦଘୋଷଣା କରିଥିଲେ। ଶସ୍ୟ ଶ୍ୟାମଳ ଓ ପ୍ରାକୃତିକ ବିଭାବରେ ଭରା ଚୌମୁଖ, ଡଗରା, ବେତଗଡ଼ିଆ, ଅଳା ଡିହା, ନୂଆଗାଁ, ରତାଇ, ପଞ୍ଚୁପାଲି, ଜାମ୍ବୀରାଇ ଆଦି ଉପକୂଳ କୁ ବନ୍ଦର ଓ ପେଟ୍ରୋକେମିକାଲ କମ୍ପାନୀ ହାତରେ ଟେକି ନ ଦେବାକୁ ସୁରକ୍ଷା କମିଟି ଦୃଢ଼ ଦାବି କରିଛି। ଆଗାମୀ ଦିନରେ ଦୁର୍ବାର ଗଣ ଆନ୍ଦୋଳନ ଏଥିପାଇଁ ମୁଣ୍ଡ ଟେକି ଉଠିବ ବୋଲି ସୁରକ୍ଷା କମିଟି ସରକାରଙ୍କୁ ଚେତାବନୀ ଦେଇଛି।

## କଇନଗରୀ ଶ୍ରୀପଞ୍ଚମୀ ମେଳା ଉଦ୍‌ଯାପିତ

ବାଲେଶ୍ୱର,୨।୨(ସମିସ): ବସ୍ତା ବ୍ଲକ୍ ଅନ୍ତର୍ଗତ କଇନଗରୀ ଗ୍ରାମରେ ଶ୍ରୀମଞ୍ଚମୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ମେଳା ୮ ଦିନ ଧରି ଅନୁଷ୍ଠିତ ହୋଇଥିଲା। ମେଳାର ପ୍ରଥମ ରାତିରେ କୁସୁଡ଼ା, କମର୍ଦ୍ଦାର ଅପେରା ଦାରୁବ୍ରହ୍ମ "ମୋ ଦୁଃଖରେ ତୁ, ମୋ ସୁଖରେ ତୁ', ଦ୍ୱିତୀୟ ରାତିରେ ଜାଗୁଳି, ରେମୁଣାର ଯାତ୍ରା ହଂସିନୀ "ଲୁହର ଠିକଣା, ଆଖିକୁ ଅଜଣା', ତୃତୀୟ ରାତିରେ ଭୋଗରାଇର ଯାତ୍ରା କଳିଙ୍ଗ ସମ୍ରାଟ "ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ଏବଂ ଚତୁର୍ଥ ରାତିରେ ସାତଶୁଳିଆ, କମର୍ଦ୍ଦାର ମା' ମଙ୍ଗଳା ପଲ୍ଲିଶ୍ରୀ ଅପେରା "ଅବୁଝା ଆଖରେ ଅକୁହା କଥା' ନାଟକ ପରିବେଷଣ କରିଥିଲେ। ବସ୍ତା ଓ ବାଲିଆପାଳ ବ୍ଲକ୍‌ରେ ସବୁଠୁ ପୁରୁଣା ଓ ବଡ଼ ଶ୍ରୀପଞ୍ଚମୀ ମେଳା ଭାବେ ବିଖ୍ୟାତ ଏହି ମେଳା। ଏହି ମେଳାର ଉଦ୍‌ଯାପନୀ ଅବସରରେ ସମାଜସେବୀ ଗୋପୀକୃଷ୍ଣ ମହାରି ଓଡ଼ିଆ ଯାତ୍ରା ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିବା ସଂଗେ ସଂଗେ ଏହି ମେଳାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଗାଁମୁଖିଆ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଅଶୋକ ମୈକାପ, ଆନନ୍ଦ ମହାନ୍ତି, ବିଷ୍ଣୁପଦ ମୈକାପ, ଆସ୍ତିକ ସାମନ୍ତ, ଝାଡ଼େଶ୍ୱର ମାନ୍ନା, ଭୁଧର ମଣ୍ଡଳ, କମଳାକାନ୍ତ ମୈକାପ ଓ ଗୌରାଙ୍ଗ ମହାକୁଡ଼ ପ୍ରମୁଖ ଏହି ମେଳାକୁ ପରିଚାଳନା କରିଥିଲେ।

## ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ



ଭୋଗରାଇ, ୨।୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ଦେହୁର୍ଦ୍ଦା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦେବ ଇଣ୍ଟରନାଲ ସ୍କୁଲର ଅପରାହ୍ନରେ ବାର୍ଷିକ ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟ ଦେବାଶିଷ ବିଶ୍ୱାଳ ଏବଂ ଅଧ୍ୟକ୍ଷ ବୃନ୍ଦାବନ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାର ଉକ୍ତ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ସମସ୍ତ ଶୁଭବୁଦ୍ଧି ସମ୍ପନ୍ନ ଓ ଅଭିଭାବକମାନେ ସାହାଯ୍ୟ ଓ ସହଯୋଗ କରିବାକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସ, ସମ୍ବର୍ଦ୍ଧିତ ପ୍ରତିଭା ସାମ୍ବାଦିକ ଭଗବାନ ଚନ୍ଦ୍ର ବେହେରା, ବିଶ୍ୱଜିତ ମହାନ୍ତି, ଦିଲ୍ଲୀପ ଦାସ ପ୍ରମୁଖ ଯୋଗଦେଇ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା।। ଉକ୍ତ କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ପରିଚାଳନା କରିଥିଲେ।

## ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ

ରାଜଘାଟ, ୨।୨ (ସମିସ): ଭାରତ ସରକାରଙ୍କ ରାଷ୍ଟ୍ରୀୟ ଗୋ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ତଥା ବାଲେଶ୍ୱର ଭଦ୍ରକ ଜିଲା ସମବାୟ ଦୁଗ୍ଧ ସଂଘ ଲିମିଟେଡ ଆୟୋଜନରେ ବସ୍ତା ବ୍ଲକ୍ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଚାଷୀପଡ଼ା ଗ୍ରାମର ଦୁଗ୍ଧ ଉତ୍ପାଦନ ମହିଳା ସମବାୟ ସମିତି ଲିଃର କାର୍ଯ୍ୟକର୍ତ୍ତାଙ୍କୁ ନେଇ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସମବାୟ ସମିତିର ମୁଖ୍ୟ ନିତ୍ୟାନନ୍ଦ ଦତ୍ତଙ୍କ ପୌରହିତ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ହରିଶ୍ଚନ୍ଦ୍ର ଦତ୍ତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ବାଲେଶ୍ୱର ଭଦ୍ରକ ସମବାୟ ସମିତିର ପି ଆଣ୍ଡ ଆଇ ଇନଚାର୍ଜ ଶୁଭେନ୍ଦୁ ମୋହନ ଚନ୍ଦ, ମୁଖ୍ୟବକ୍ତା ଜୟକୃଷ୍ଣ ତ୍ରିପାଠୀ, ସମ୍ମାନନୀୟ ଅତିଥି ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ଜିଲା ପରିଷଦ ଶମ୍ଭୁନାଥ ସେଠୀ, ଅମର୍ଦ୍ଦାରୋ? ପଶୁ ଚିକିତ୍ସକ ଗୟାରାମ ପ୍ରଧାନ, କୃପାସିନ୍ଧୁ ସାହୁ, କାର୍ତ୍ତିକ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏତାଦୃଶ ଯୋଜନାକୁ ଆପଣାଇ ଚାଷୀମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହେବେ ସେ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ଦେଇଥିଲେ। ଶ୍ରୀ ଚାନ୍ଦ ଉପସ୍ଥିତ ଚାଷୀ ମାନଙ୍କୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ହରିହର ପାତ୍ର, ଗଜେନ୍ଦ୍ର ନାଥ ଦତ୍ତ, ଯୋଗେନ୍ଦ୍ର ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ମହିଳା ସମବାୟ ସମିତିର ମୁଖ୍ୟ ଶ୍ରୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ପଞ୍ଚଲିଙ୍ଗେଶ୍ୱର,୨।୨(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସାବଜାପୁର ଗ୍ରାମର ବାବୁଲି ବେହେରା (୫୫) ଅଗ୍ନି ଉତ୍ସବ ଉପଲକ୍ଷେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଘରକୁ ଚାଲି ଚାଲି ଫେରୁଥିବା ସମୟରେ ଅଚାନକ ଭାଲୁ ହାବୁଡ଼ରେ ପଡ଼ି ଯାଇଥିଲେ। ତେବେ ଭାଲୁ ସହ ବେଶ କିଛି ସମୟ ଲଢ଼ିବା ସହିତ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ମାନେ ପହଞ୍ଚି ଯିବାରୁ ଭାଲୁ ପଳାଇ ଯାଇଥିଲା। ଭାଲୁ ଆକ୍ରମଣରେ ତାଙ୍କର ୨ଆଖି ନଷ୍ଟ ହୋଇଯିବା ସହ ଅତ୍ୟଧିକ ରକ୍ତ ସ୍ରାବ ହୋଇଥିବା ଜଣାପଡିଛି। ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ପରେ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇ ଚିକିତ୍ସା କରାଯାଇଛି। ଅର୍ଥ ଚିକିତ୍ସା ର ବାଧକ ସାଜିଛି ଏବଂ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା କାରଣରୁ ପରିବାର ମଧ ଅଭାବ ଅସୁବିଧାରେ ରହିଛନ୍ତି। ଉକ୍ତ ଗ୍ରାମରେ ବାରମ୍ବାର ଏହି ଭଳି ଅଭାବନୀୟ ଘଟଣା ଘଟୁଥିବାରୁ ଗ୍ରାମବାସୀ ଗ୍ରାମରେ ରାସ୍ତା ନିର୍ମାଣ ଏବଂ ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା ପାଇବା ପାଇଁ ଆଲୋକର ବ୍ୟବସ୍ଥା ପ୍ରଶାସନ କରିବା ସହ ଚିକିତ୍ସାରେ ସହଯୋଗ କରିବାକୁ ନିବେଦନ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

ନୀଳଗିରି, ୨।୨ (ସମିସ): ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବାଲିଗୋହିରି ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଥିବାର ଦେଖିବାକୁ ମିଳିଛି। ରେମୁଣା ଅଞ୍ଚଳର ଜୟନ୍ତ ସାହୁ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆସିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଖନ୍ତାପଡା ନୂଆପଡ଼ା ଗ୍ରାମର ରଶ୍ମିରଞ୍ଜନ ଜେନା ଆହତ ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ନୀଳଗିରିରେ ମାତିଛନ୍ତି ଗୋରୁ ଚୋର

ନୀଳଗିରି, ୨।୨ (ସମିସ): ଏବେ ଓଡ଼ିଶାର କୋଣ ଅନୁକୋଣରେ ଗୋସେବକ ମାନେ ଗୋରୁ ଚାଲାଣ କାରୀଙ୍କୁ ରୋକ୍ ଦେଉଥିବା ବେଳେ ଏବେ ଦିନରେ ନୁହଁ ରାତିରେ ଅଟୋ ଲଗାଇ ବଜାରରେ ବୁଲୁଥିବା ବୁଲା ଷଣ୍ଢ, ଗାଈ, ବଳଦକୁ ଉଠାଉ ଥିବାର ନଜରକୁ ଆସିଛି। ଏପରି ଏକ ଦୃଶ୍ୟ ସିସି କ୍ୟାମେରାରେ ଦେଖିବାକୁ ମିଳିଛି ନୀଳଗିରି ବଡ଼ଦାଣ୍ଡରେ ପୋଷ୍ଟ ଅଫିସ ନିକଟରେ। ରାତି ପ୍ରାୟ ୧.୪୦ମିନିଟ୍ ସମୟରେ ଏକ ଟାଟା ଏସିଇ ଗାଡ଼ିରେ ୪-୫ଯୁବକ ଆସି ରାସ୍ତାରେ ବୁଲୁଥିବା କିଛି ଗୋରୁକୁ ଗାଡିରେ ଭର୍ତ୍ତି କରିବା ପରେ ପୁଣି ଏକ ଷଣ୍ଢକୁ ଆଣିବାକୁ ଯାଉଥିବା ବେଳେ ଷଣ୍ଢଟି ଧରା ନଦେବାରୁ ଗୋରୁ ଚୋରମାନେ ସ୍ଥାନ ଛାଡି ପଳାଇ ଯାଇଥିଲେ। ଏଭଳି ଏକ ଦୃଶ୍ୟ ସିସି କ୍ୟାମେରାରେ ଦେଖିବାକୁ ମିଳିଛି। ଏଥିପ୍ରତି ପୁଲିସ ନାଇଟ୍ ପାଟ୍ରୋଲିଂକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ଗୀତାବିତ୍ କାହ୍ନୁଗୋପାଳ ଶତପଥୀଙ୍କ ସ୍ମୃତିସଭା



ଚନ୍ଦନେଶ୍ୱର, ୨।୨(ସମିସ): ବିଶିଷ୍ଟ ଗୀତାବିତ, ଭୋଗରାଇର ଅନ୍ୟତମ ପରିଚିତ ଚେହେରା, ପୂର୍ବତନ ସରପଂଚ, ଦକ୍ଷ କ୍ରୀଡାବିତ,କଳାକାର ଦିବଂଗତ କାହ୍ନୁ ଗୋପାଳ ଶତପଥୀ ଥିଲେ ଜଣେ ମୁକୁଟ ବିହିନ ସମ୍ରାଟ। ଜଣେ ଉଭଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ଥିଲେ ବି ସାଧାରଣ ମଣିଷ ପରି ଜୀବନ ଯାପନ କରୁଥିଲେ ବୋଲି ତାଙ୍କ ସ୍ମୃତିଚାରଣ ସଭାରେ ଅତିଥିମାନେ ପ୍ରକାଶ କରିଛନ୍ତି। ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏନେଇ ଆୟୋଜିତ ସଭାକୁ ହୁଗୁଳି ପଞ୍ଚାୟତର ପୂର୍ବତନ ସରପଂଚ ତଥା ସମବାୟବିତ ତପନ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ।। ଏଥିରେ ପୂର୍ବତନ ସରପଞ୍ଚ ଆଶିଷ ଦାସ, ଶିକ୍ଷାବିତ ତଥା ପୂର୍ବତନ ସରପଂଚ ରାଧା ବିନୋଦ ଦାସ, ଭୋଗରାଇ ବ୍ଲକର ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଉପାଧ୍ୟକ୍ଷା ମୀନରାଣୀ ସାସମଲ, ବିଜେପି ନେତା ଅଶିଷ ପାତ୍ର, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ନାଥ ପାତ୍ର, ଶିକ୍ଷାବିତ ସନ୍ତୋଷ ପାତ୍ର, ଦୀପକ ଜେନା, କଲେଜ ଅଧ୍ୟକ୍ଷ ଅଶୋକ ପ୍ରଧାନ, ସମିତି ସଦସ୍ୟ ଗୋବିନ୍ଦ ଦାସ, ରାଧାକାନ୍ତ ପ୍ରଧାନ, ରବୀନ୍ଦ୍ର ନାଥ ଜେନା ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଚନ୍ଦନେଶ୍ୱର ମନ୍ଦିରର ଇପ ମୌରସୀ ବୁଦ୍ଧଦେବ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ଶେଷରେ ପୁତ୍ର ସନତ ଶତପଥି ଧନ୍ୟବନ୍ଦ ଦେଇଥିଲେ।

# ତ୍ରିଦିବସୀୟ ଜେଆରସି କାଉନସେଲର ପ୍ରଶିକ୍ଷଣ ଉଦ୍‌ଘାଟିତ

ବାଲେଶ୍ୱର/ଜଳେଶ୍ୱର,୨।୨(ସମିସ)




ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ଼କ୍ରସର ଅଧ୍ୟକ୍ଷ ଡ. ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଜୁନିୟର ରେଡ଼କ୍ରସ ଓ ଜିଲ୍ଲା ଜୁନିୟର ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ତ୍ରିଦିବସୀୟ ଅଣ ତାଲିମପ୍ରାପ୍ତ ଜୁନିୟର ରେଡ଼କ୍ରସ କାଉନସେଲର ପ୍ରଶିକ୍ଷଣ ଶିବିର ପି.ଏମ. ଶ୍ରୀ. ସରକାରୀ ଉଚ୍ଚ ବିଦ୍ୟାଳୟ ଜଳେଶ୍ୱରଠାରେ ଉଦଘାଟିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଷାଠିଏ ଜଣ କାଉନସେଲର ଭାଗ ନେଇଛନ୍ତି। ପ୍ରଥମ ଦିବସରେ ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅର୍ଜ୍ଜୁନ ଚରଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ହରେନ୍ଦ୍ର ମହାନ୍ତ, ଜିଲ୍ଲା ଜୁନିୟର ରେଡ଼କ୍ରସ ସମ୍ପାଦକ ତଥା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡେଇ, ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ନାରାୟଣ ପାଇକରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟ ନାରାୟଣ ଦାସ, ସଭ୍ୟ ଇତିଶ୍ରୀ ରଥ ଓ ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ ଯୋଗ ଦେଇ କାଉନସେଲର ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ସାଧନ କର୍ମୀ ମନୋଜ ଜେନା ମଞ୍ଚ ପରିଚାଳନା କରିଥିଲେ ଓ ରତିକାନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଅନ୍ୟ ସାଧନ କର୍ମୀ ଭାବେ ଦନର୍ଦ୍ଦନ ଖିଲାର ଓ ସୁଦର୍ଶନ ରାଉତ ଯୋଗ ଦେଇଥିଲେ। ଏହି ତିନି ଦିନରେ କାଉନସେଲରମାନଙ୍କୁ ବିଭିନ୍ନ ବିଷୟରେ ଯଥା ରେଡ଼କ୍ରସ ଇତିହାସ, ରକ୍ତଦାନ, ଜଳବାୟୁ ପରିବର୍ତ୍ତନ, ପ୍ରାଥମିକ ସହାୟତା, ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ଏଚ ଆଇ ଭି ଏଡ଼ସ, ସାଇବର ସିକ୍ୟୁରିଟି, ଅଗ୍ନି ନିରାପତ୍ତା ଉପରେ ତାଲିମ ଦିଆଯାଉଛି। କାଉନସେଲର ମାନେ ତାଲିମ ନେବ ପରେ ସେମାନେ ସ୍କୁଲର ପିଲାଙ୍କୁ ବିଭିନ୍ନ ତାଲିମ ଦେବେ ଯାହା ଦ୍ୱାରା ରାସ୍ତାରେ ଆହତ ବ୍ୟକ୍ତିକୁ ପ୍ରାଥମିକ ସହାୟତା ପ୍ରଦାନ କରି ବା ବିଭିନ୍ନ ବିଷୟରେ ସଚେତନତା ସୃଷ୍ଟି କରି ବହୁ ଅମୂଲ୍ୟ ଜୀବନ ବଞ୍ଚା ଯାଇପାରିବେ।

ସକାଳ THE SAKALA



www.sakalaepaper.com

## ଦୃଷ୍ଟିହୀନଙ୍କୁ ସହାୟତା କଲେ ଉପଜିଲ୍ଲାପାଳ



ଚମ୍ପୁଆ,୨।୨(ସମିସ): ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତର ଦୃଷ୍ଟିହୀନ ହରେକୃଷ୍ଣ ପାଲ୍(୫୮)ଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା। ଏ ନେଇ ଆଜି ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ରେଡକ୍ରସ ଫଣ୍ଡରୁ ୫ହଜାର ଟଙ୍କାର ସହାୟତା ରାଶି ଚେକ ଯୋଗେ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ହରେକୃଷ୍ଣଙ୍କ ଚକ୍ଷୁ ସମସ୍ୟା ଥିବାବେଳେ କିଛିଦିନ ହେଲା ଚଷମା ବ୍ୟବହାର କରି ଆସୁଥିଲେ। ତେବେ ୨୦୨୪ ଜାନୁଆରୀ ମାସରୁ ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ। କରଞ୍ଜିଆ ବଜାରରେ ସେ ଚା' ଦୋକାନ କରି ଚଳିଆସୁଥିବା ବେଳେ ଦୃଷ୍ଟି ଶକ୍ତି ହରାଇବା ପରେ ଅସହାୟ ହୋଇପଡ଼ିଥିଲେ। ବାପାଙ୍କର ଏହି ବିପଦ ସମୟରେ ଝିଅ ତାଙ୍କ ସହ ରହି କଷ୍ଟେ ମଷ୍ଟେ ଦୋକାନ ଚଳାଇ ପରିବାର ପାଇଁ ସାହାରା ପାଲଟିଛନ୍ତି। ତେଣୁ ତାଙ୍କ ପରିବାରକୁ ବିଭିନ୍ନ ମହଲରୁ ସହାୟତା ପାଇଁ ଦାବି ହେଉଛି।

● ଆନନ୍ଦପୁର-ଘସିପୁରା ବସ୍‌ଷ୍ଟାଣ୍ଡ

## ବିଶୋଧନ ହେଉନି ପରିସ୍ରାଗାର, ନାକେଦମ ଯାତ୍ରୀ

ଆନନ୍ଦପୁର,୨।୨(ସମିସ): ଆନନ୍ଦପୁର ଓ ଘସିପୁରା ସରକାରୀ ବସଷ୍ଟାଣ୍ଡରେ ଥିବା ପରିସ୍ରାଗାର ନିୟମିତ ବିଶୋଧନ ହେଉନଥିବାବେଳେ ସେଠାକୁ ଯାଉଥିବା ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅବ୍ୟବସ୍ଥାରୁ ବସଷ୍ଟାଣ୍ଡ ଦୁର୍ଗନ୍ଧରେ ଫାଟି ପଡୁଛି। ଯାତ୍ରୀମାନେ ବାରମ୍ବାର ଅଭିଯୋଗ କଲେ ବି କେହି ଶୁଣୁ ନାହାନ୍ତି। ବାହାରକୁ ଚିକ୍କଣ ଦେଖାଯାଉଥିବା ବସ୍‌ଷ୍ଟାଣ୍ଡରେ ଏଭଳି ଅବ୍ୟବସ୍ଥା ଦେଖି ଲୋକେ ନାକଟେକୁଛନ୍ତି। ଏପରିକି ପିଇବା ପାଣି ପାଇଁ ଲଗାଯାଇଥିବା ଟ୍ୟାପ ପାଖକୁ ଲୋକେ ପାଣି ପିଇବା ପାଇଁ ଯାଇ ପାରୁନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ଯାତ୍ରୀ ଅଭିଯୋଗ କଲେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀ ଅଭିଯୋଗ ଶୁଣନ୍ତି ନାହିଁ। ଘଷିପୁରା ବସଷ୍ଟାଣ୍ଡ ସଫା ରହିବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ଯାତ୍ରୀ।



## ମା'ବାସୁଳି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ବେଗନା ଚାମ୍ପିଅନ

ତୁରୁମୁଙ୍ଗା,୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଝାଟିପଡ଼ା ଗ୍ରାମରେ ମା' ବାଶୁଳି କ୍ରିକେଟ୍ କମିଟି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ ବେଗନା ଟିମ ବନାମ ଗରାଣ୍ଡିଯୋଡି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବେଗନା ଟିମ ଚାମ୍ପିଅନ ହୋଇଥିଲା।ଟୁର୍ଣ୍ଣାମେଣ୍ଟରେ ୧୬ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବୈକୁଣ୍ଠ ବାରିକ ଓ ଶ୍ରବଣ ବାରିକ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ଼ପାଟଣା ସରପଞ୍ଚ ବିନତି ବାନାରା, ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ୱାର୍ଡ ସଦସ୍ୟ ଟୁଣ୍ଟୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ବେଗନା ଟିମକୁ ଅତିଥିମାନେ ଟ୍ରଫି ସହିତ ନଗଦ ୨୦ ହଜାର ଓ ରନର୍ସଅପ୍ ଦଳ ଗରାଣ୍ଡିଯୋଡି ଟିମ୍‌କୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ଜୟଦେବ ବାରିକ, ରଞ୍ଜନ କୁମାର ବାରିକ, ବଳରାମ ବାରିକ, ସୁଦର୍ଶନ ମହାରଣା, ଡମ୍ବରୁଧର ବାରିକ, ଚିନ୍ମୟ ଦେହୁରୀ, ସିନୁ ବାରିକ, ଦୀନେଶ ସେଠୀ, ପିନୁ ବାରିକ, ଫୁଟୁଲୁ ବାରିକ, ଲିଙ୍କୁ ଦେହୁରୀ ଦେବାନନ୍ଦ ନାଏକ, ଭୁବନା ଦେହୁରୀ, ଶୁଶାନ୍ତ ବାରିକ, ସାନବାବୁ ମହାରଣା, ପଳଉ ଦେହୁରୀ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।



### ନୂତନ ବେତନଟୀ ଏନଏସି କାର୍ଯ୍ୟାରମ୍ଭ

# ସମ୍ଭାବ୍ୟ ନିର୍ବାଚନ ପାଇଁ ଚେୟାରମ୍ୟାନ ଆଶାୟୀଙ୍କ ଲମ୍ବା ଲାଇନ

ବେତନଟୀ,୨।୨(ସମିସ):

ବେତନଟୀ ଏନ୍ଏସି ଘୋଷଣା ପରେ ଜାନୁଆରୀ ୨୮ ତାରିଖରେ ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାରଙ୍କୁ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତତସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ୫୦ ଲକ୍ଷ ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି ଖବର ଜାଣିବା ପରେ ବେତନଟୀ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଏନ୍ଏସି ନିର୍ବାଚନରେ ଚେୟାରମ୍ୟାନ ଓ କାଉନସିଲର ପ୍ରାର୍ଥୀ ହେବା ପାଇଁ ବେତନଟୀରେ ବହୁ ଆଶାୟୀଙ୍କ ଲମ୍ବା ତାଲିକା ସାମ୍ନାକୁ ଆସିଛି। ଜନସଂଖ୍ୟା ଦୃଷ୍ଟିରୁ ନୂତନ ଏନଏସସିରେ ୧୪ଟି ୱାର୍ଡ ହେବା ସମ୍ଭାବନା ରହିଛି। ଏନ୍ଏସି ନିର୍ବାଚନ ପ୍ରକ୍ରିୟା ସରକାର ଆରମ୍ଭ କରିବା ପୂର୍ବରୁ ଆଶାୟୀ ପ୍ରାର୍ଥୀ ବିଭିନ୍ନ ସ୍ଥାନରେ ଏକତ୍ର ହେବା, ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କରେ ଆସିବା, ବ୍ୟାନର ଲଗାଇବା ଭଳି କାର୍ଯ୍ୟରେ ଲାଗି ଗଲେଣି। କେଉଁ ପ୍ରାର୍ଥୀ କେଉଁ ଦଳୀୟ ସଂଗଠନରୁ ଟିକେଟ ପାଇବେ ଓ ଜନତାଙ୍କ ସମ୍ପର୍କରେ କିଭଳି ରହିବେ, ଆଗାମୀ ନର୍ବାଚନ ରଣାଙ୍ଗନକୁ ଆପଣେଇବା ପାଇଁ କିଭଳି କସରତ କରିବା ପାଇଁ ହେବ ତା'ର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳିଛି।

ଏନ୍ଏସି ନିର୍ବାଚନ ମଇଦାନ ପାଇଁ ପ୍ରସ୍ତୁତି ପଥରେ ଆଗ ଧାଡ଼ିରେ ଥିବା ଚେୟାରମ୍ୟାନ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରକାଶ ବେହେରା, ରାଜକିଶୋର ସାହା, ସିଦ୍ଧାର୍ଥ ଅଗ୍ରୱାଲ, ସତୀଶ କୁମାର ସାହୁ, ନିରଞ୍ଜନ ମହାନ୍ତି, ରାମେଶ୍ୱର ମିଶ୍ର, ମୁରଲୀଧର ସାହୁ, ରାଜେଶ ଖଣ୍ଡେଲୱାଲ ଓ ତପନ ପରିଡ଼ା ପ୍ରମୁଖ ରହିଥିବା ଜଣାପଡ଼ିଛି। ବେତନଟୀ ଭୋଟର ଓ ବେତନଟୀ ଅଞ୍ଚଳବାସୀ ମଧ୍ୟ ଏନ୍ଏସି ପାଇଁ ସରକାର ଅଧିକ ପାଣ୍ଠି ବିନିଯୋଗ କରିବେ ବୋଲି ଆଶାବ୍ୟକ୍ତ କରିଥିବାବେଳେ ବେତନଟୀ ଏନ୍ଏସି ଅଞ୍ଚଳରେ ଆଲୋକୀକରଣ, ରାସ୍ତା, ପାଇପ ଯୋଗେ ପାଣି, ଡ୍ରେନ ସମସ୍ୟାର ସମାଧାନ ଭଳି ବହୁ ଉନ୍ନତିକରଣ କାର୍ଯ୍ୟ ହେବ ବୋଲି ଆଶା ରଖିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବଜାର ବହୁ ପୂର୍ବରୁ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ମାନ୍ୟତା ପାଇସାରିଛି। ଭାରତର ପ୍ରାୟ ଅଧିକାଂଶ ରାଜ୍ୟ ସହିତ ବେତନଟୀର ବ୍ୟବସାୟିକ ସମ୍ପର୍କ ରହିଥିଲା। ସେଥିପାଇଁ ଏହି ବଜାରକୁ ଲାଗି ରେଳପଥ ଓ ୧୮ ନମ୍ବର ଜାତୀୟ ରାଜପଥର ଯାଇଥିବାବେଳେ ସବୁ ଅଞ୍ଚଳକୁ ସଂଯୋଗ କରିବା ପାଇଁ ଯୋଗାଯୋଗର ସୁବିଧା ଓ ପରିବହନ ସୁବିଧା ରହିଥିଲା। ଏଥିପାଇଁ ବେତନଟୀ ବଜାର କେବଳ ମୟୂରଭଞ୍ଜ ଜିଲ୍ଲା ନୁହେଁ, ଉତ୍ତର ଓଡ଼ିଶାର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଭାବେ ରାଜ୍ୟ ବାହାରେ ମଧ୍ୟ ଖ୍ୟାତି ଅର୍ଜନ କରିଛି। ଏହା ମାଣତ୍ରି କଖାରୁଆ ବୈଦ୍ୟନାଥ ମନ୍ଦିରଠାରୁ ମାତ୍ର ୧୨ କିଲମିଟର ଦୂର, ଜିଲ୍ଲା ମୁଖ୍ୟାଳୟ ବାରିପଦାଠାରୁ ୨୮ କିଲୋମିଟରରେ ରହିଛି। ୧୩ ବର୍ଷ ପୂର୍ବରୁ କୋର୍ଟ ସ୍ଥାପିତ ହେଇ ସାରିଥିବାବେଳେ ପୁଲିସ ସବଡିଭିଜନ ସମେତ ସମସ୍ତ ବିଭାଗୀୟ ସବଡିଭିଜନର ମୁଖ୍ୟାଳୟ ମଧ୍ୟ ବେତନଟୀ ଏନ୍ଏସି ଅଞ୍ଚଳରେ ରହିଛି। ସମସ୍ତ ଭିତ୍ତି ଭୂମି ଥିବା ପରେ ମଧ୍ୟ ବେତନଟୀ ଏନ୍ଏସି ଅଞ୍ଚଳରେ ରାସ୍ତା ଘାଟ, ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା, ସମସ୍ତଙ୍କ ପାଇଁ ପାଇଯୋଗେ ପାଣି, ଆଲୋକୀକରଣ, ଶ୍ମଶାନ ଉନ୍ନତିକରଣ, ସଡକ ପଥରୁ ଜବରଦଖଲ ଉଚ୍ଛେଦ କରି ଛୋଟ ବ୍ୟବସାୟୀଙ୍କୁ ଥଇଥାନ, ଜନ ବହୁଳ ଅଞ୍ଚଳରେ ପୁରୁଣା ପୋଖରୀର ପୁନରୁଦ୍ଧାର ନ ହେବା, ଅଙ୍ଗନବାଡି ଘର ନ ଥିବା ଭଳି ବହୁ ସମସ୍ୟା ଲାଗି ରହିଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ସରକାରଙ୍କ ପକ୍ଷରୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରକାର ପାଣ୍ଠି ବିନିଯୋଗ କରିଥଲେ ମଧ୍ୟ ବିଗତ ବର୍ଷମାନଙ୍କରେ ରହିଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଅଣଦେଖା କାରଣରୁ ଏହି ଅଞ୍ଚଳର ଉନ୍ନତିରେ ବାଧା ସୃଷ୍ଟି ହୋଇଛି। ସେଥିପାଇଁ ବେତନଟୀବାସି ପଞ୍ଚାୟତିରାଜ ବ୍ୟବସ୍ଥା ବ୍ୟତୀତ ଏନ୍ଏସି ବ୍ୟବସ୍ଥା ମାଧ୍ୟମରେ ପାଣ୍ଠି ବିନିଯୋଗ ହେଲେ ଯାଇ ସ୍ଥାନୀୟ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏଥିସହିତ ପ୍ରଶାସନ ଓ ଜନପ୍ରତିନିଧି କିଭଳି ବ୍ୟକ୍ତିଗତ ସ୍ୱାର୍ଥ, ପିସି ଓ ପକେଟ୍ ଲୋଭ ନ ରଖି ବେତନଟୀ ଏନ୍ଏସି ଅଞ୍ଚଳକୁ ଉନ୍ନତିକରଣ କରିବେ ତାହା ଦେଖିବାକୁ ବାକି ରହିଲା।

୨୦୧୧ ଫେବୃଆରୀ ମାସରେ ପ୍ରଥମେ ବେତନଟୀ ଏନ୍ଏସି ଘୋଷଣା ପାଇଁ ତଦନ୍ତ ଆରମ୍ଭ ହୋଇଥିଲା। ସେହି ସମୟ ନୂଆ କରି ହୋଇଥିବା ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ମନୋରଞ୍ଜନ ସେଠୀ ଦାୟିତ୍ୱରେ ରହିଥିଲେ। ୨୦୧୪ରେ ଗଣେଶ୍ୱର ପାତ୍ର, ୨୦୧୯ରେ ସନାତନ ବିଜୁଳି, ୨୦୨୪ରେ ପୁନର୍ବାର ଦ୍ୱିତୀୟ ଥର ପାଇଁ ସନାତନ ବିଜୁଳି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ମଧ୍ୟ ବେତନଟୀ ଅଞ୍ଚଳର ଭାଗ୍ୟ ବଦଳିଲାନାହିଁ।ତେଣୁ ଏନ୍ଏସି ହେଲେ ଯାଇ ଅଞ୍ଚଳର ଭାଗ୍ୟ ବଦଳିବ ବୋଲି ଲୋକେ ଆଶା ରଖିଛନ୍ତି। ବିଜୁ ଜନତା ଦଳ ସରକାରରେ ରହିଥିବାବେଳେ ୨୦୨୪ ସାଧାରଣ ନିର୍ବାଚନର ଅଳ୍ପ ଦିନ ପୂର୍ବରୁ ବେତନଟୀକୁ ଏନ୍ଏସି ଘୋଷଣା କରିଥିଲେ। ବେତନଟୀ ଏନ୍ଏସି ଅଞ୍ଚଳ ମଧ୍ୟରେ ରହିଥିବା ଆମ୍ବଯୋଡ଼ା, ବେତନଟୀ, ଭୋଗବାଟି, ପଣ୍ଡୁଗଡିଆ, ରେଣ୍ଡୁଗାଁ, ଏସ୍ଏସ୍ ମହୁଲିଆ, ଭୁରୁଡୁବଣୀ, କଦମାସୋଳ, ବହାନଡ଼ା, ଗରୁଡବସା, ମଉଦା, ପାଇକପଡା, ସୋଠିଲୋ, ତୁଲସିଚଉରା, ପୁରୁଣାପାଣି ଓ କାଠପାଳ ୧୬ ଗ୍ରାମ ରହିଛି। ୨୦୧୧ ଜନଗଣନା ଅନୁସାରେ ଏ ଅଞ୍ଚଳର ଜନସଂଖ୍ୟା ୨୦ହଜାର ୭୧ ବୋଲି ଜଣାପଡ଼ିଛି।

## ସୁଶୀଳା ତିରିଆଙ୍କୁ କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି



ବିଶୋଇ,୨।୨(ସମିସ): ମୟୂରଭଞ୍ଜର ପ୍ରାକ୍ତନ ଲୋକସଭା ସାଂସଦ ତଥା ଭରତୀୟ ଜାତୀୟ କଂଗ୍ରେସର ତୁଙ୍ଗ ନେତ୍ରୀ ସୁଶୀଳା ତିରିଆଙ୍କ ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଆଜି ଶେଷକୃତ୍ୟ ପାଇଁ ଭୁବନେଶ୍ୱର ଏମସ୍‌ରୁ ନିଜ ପୈତୃକ ଗ୍ରାମ ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ କଲୁଆଖାମଣକୁ ନେବା ବାଟରେ ଅପରାହ୍ନ ସମୟରେ ବିଶୋଇ ବିର୍ସା ମୁଣ୍ଡା ଛକଠାରେ ପହଞ୍ଚିଥିଲା। ବିଶୋଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଦିବଙ୍ଗତ ସୁଶୀଳା ତିରିଆଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ପାର୍ଥିବ ଶରୀର ସୁଶୀଳା ତିରିଆଙ୍କ ଗ୍ରାମ ବିଶୋଇ ବ୍ଲକ ରାଧାନଗର ଗ୍ରାମ ଛକଠାରେ ପହଞ୍ଚିଥିଲା। ସେଠାରେ କଂଗ୍ରେସ କର୍ମୀ ଓ ରାଧାନଗର ଗ୍ରାମବାସୀଙ୍କ ଦ୍ୱାରା ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ଲକର ବରିଷ୍ଠ କଂଗ୍ରେସ ନେତା ସୁବାସ ପାତ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସର ପିସିସି ସଦସ୍ୟ ତଥା ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ଉପସଭାପତି ନାରାୟଣ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ନିଲରତ୍ନ ସାହୁ, ସାରସକଣା ବ୍ଲକ ସଭାପତି ତରୁଣ ଗିରି, ଅଶୋକ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଚିତ୍ତ ବିକାଶ ମହାପାତ୍ର, ଜିଲ୍ଲା ଆଦିବାସୀ ସେଲର ସଭାପତି ବେରେଲ ସିର୍କା, ବିଶୋଇ ବ୍ଲକ ସଭାପତି ହରିହର ନାଏକ, ବିଜାତଳା ବ୍ଲକ ସଭାପତି ନିଶାକାର ପାତ୍ର, ବିରଞ୍ଚି ନାଏକ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ଜୁରିଲାଲ ମହାନ୍ତ, ବରିଷ୍ଠ କଂଗ୍ରେସ ନେତା ଅର୍ଜୁନ ବେଶ୍ରା ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ସୁଶୀଳାଙ୍କ ଶେଷ ଦର୍ଶନ କରିବା ସହିତ ପାର୍ଥିବ ଶରୀର ଉପରେ ପୁଷ୍ପମାଲ୍ୟ ଓ ଦଳୀୟ ଉତ୍ତରୀୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

● ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଉପଖଣ୍ଡ ଦାୟିତ୍ୱ

ରାଇରଙ୍ଗପୁର,୨।୨(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଶାସନିକ ଜରୁରିକାଳୀନ ପରିସ୍ଥିତିରେ ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟାଙ୍କୁ ଅତିରିକ୍ତ ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଜାରି ହୋଇଛି। ଶ୍ରୀ ମହାନ୍ତିଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କେବଳ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ନିମନ୍ତେ ଉଲ୍ଲେଖ କରାଯାଇଛି। ବିକାଶ ରଞ୍ଜନ ମହାନ୍ତି ପୂର୍ବରୁ ରାଇରଙ୍ଗପୁର ଉପଖଣ୍ଡ ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିଲେ। ବୁଧବାର ରାଷ୍ଟ୍ରପତି ରାଇରଙ୍ଗପୁର ଗସ୍ତରେ ଆସୁଥିବାବେଳେ କାର୍ଯ୍ୟକ୍ରମ ସଂକ୍ରାନ୍ତ ସୂଚନା ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେବା ପାଇଁ ଉକ୍ତ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି ବୋଲି ସୂଚନା ମିଳିଛି।

## ସତ୍ୟସାଇ, କୈଳାସ ଚନ୍ଦ୍ର ବିଦ୍ୟାଳୟରେ ବିଶ୍ୱ ଆର୍ଦ୍ରଭୂମି ଦିବସ




ବୈଶିଙ୍ଗା,୨।୨(ସମିସ): ଖୁଣ୍ଟାପୁରସ୍ଥ ଶ୍ରୀସତ୍ୟସାଇ ସରକାରୀ ଉଚ୍ଚବିଦ୍ୟାଳୟ ଓ ହେମପୁରସ୍ଥ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱରେ ବିଶ୍ୱ ଆଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ୍ ଇନଚାର୍ଜ ଶୁଭସ୍ମିତା ସାମନ୍ତରାୟ ଓ ରାଜନନ୍ଦିନୀ ପାତ୍ରଙ୍କ ନେତୃତ୍ୱ ରେ ଆଦ୍ରଭୂମି ସୁରକ୍ଷା ପାଇଁ ଶପଥ ପାଠ ସାଙ୍ଗକୁ ଉଭୟ ବିଦ୍ୟାଳୟରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ସମେତ ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ, ତୃଷ୍ଣା ଦାସ, ଶୁଭଲକ୍ଷ୍ମୀ ମାଝୀ ପ୍ରମୁଖ ପରିବେଶ ସୁରକ୍ଷାରେ ଆଦ୍ରଭୂମିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ତୁଷାରକାନ୍ତ ପାତ୍ର, ଜ୍ୟୋସ୍ନାରାଣୀ ଜେନା, ପ୍ରଭାତୀ ପ୍ରଧାନ, ମୁକୁନ୍ଦ ସେନାପତି, ଜୟଶ୍ରୀ ପାଢ଼ୀ, ସ୍ନିଗ୍ଧା ଲେଙ୍କା, ବିଜୟ ସେଠୀ, ସବିତା ବାରିକ, ରାଧୁ ସିଂ, ଜୟନ୍ତୀ ମହାପାତ୍ର ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଶାଳଗାଁ ହାଇସ୍କୁଲରେ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା




ବଡ଼ସାହି,୨।୨(ସମିସ): ବଡସାହି ବ୍ଲକ ଅଧୀନସ୍ଥ ପଞ୍ଚାୟତର ଶାଳଗାଁ ଉଚ୍ଚବିଦ୍ୟାଳୟ ଇକୋ କ୍ଲବ ଓ ଓଡ଼ିଶା ସରକାରଙ୍କ ପରିବେଶ ଶିକ୍ଷା କେନ୍ଦ୍ର ମିଳିତ ସହଯୋଗରେ ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସନ୍ତୋଷ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବନାଞ୍ଚଳ ଅଧିକାରୀ ଧ୍ରୁବଚରଣ ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜେଲ୍ ଅଧୀକ୍ଷକ ସନ୍ତୋଷ କୁମାର ଦୁର୍ଗା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଗ ନିହାର ରଞ୍ଜନ ସାମଲ, ଓଷ୍ଟା ଜିଲ୍ଲା ଯୁଗ୍ମ ସଂଯୋଜକ ପ୍ରଭାସ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ମାନବ ସମାଜ ଦ୍ରୁତଗତିରେ ପରିବର୍ତ୍ତନ ପାଇଁ ଆର୍ଦ୍ରଭୂମିକୁ ଘର, କଳ କାରଖାନା ତିଆରି କରିବା ପାଇଁ ପୋତାଯାଉଥିବାରୁ ଓ ସନ୍ତସନ୍ତିଆ ସ୍ଥାନ ଉପରେ ଅଳିଆ ଆବର୍ଜନା ପକାଇବା ଦ୍ୱାରା ବାୟୁମଣ୍ଡଳ ଅଧିକ ଉତ୍ତପ୍ତ ହେବାରେ ଲାଗିଲାଣି ବୋଲି ପରିବେଶବିତ ମତ ପ୍ରକାଶ କରିଛନ୍ତି। ମୁଖ୍ୟତ ଗାଁ, ସହରରେ ଥିବା ପୋଖରୀ, ଗଡିଆ ପାଣି ଜମି ରହୁଥିବା ନାଳରେ ବିଭିନ୍ନ ଜାତିର ପ୍ରାଣୀଙ୍କ ସୃଷ୍ଟି ଲୋପ ପାଇବାରେ ଲାଗିଲାଣି ବୋଲି ଅତିଥି କହିଥିଲେ। ଆର୍ଦ୍ରଭୂମିର ସୁରକ୍ଷା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ବୁଦ୍ଧୀ ପରୀକ୍ଷା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଫଳଗଛ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରାଇଥିଲେ । ଇକୋ କ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ପୁହାଣ, ପ୍ରଭାକର ଉପାଧ୍ୟାୟ, ଗିରିଜା ଶଙ୍କର ମହାନ୍ତ ଓ ଅନ୍ୟମାନେ ସହଯୋଗ କରିଥିଲେ। ପ୍ରମୋଦ କୁମାର ବିନ୍ଧାଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଟ୍ରାନ୍ସଫର୍ମରରୁ କୋର୍ ଓ କଏଲ ଚୋରି

ରାଇରଙ୍ଗପୁର,୨।୨(ସମିସ): ଯଶିପୁରସ୍ଥ ହାଣ୍ଡିପୁହାଣ ଅଞ୍ଚଳରୁ ଟ୍ରାନ୍ସଫର୍ମରରୁ କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର ଯଶିପୁର ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ଶଶଧର ସାହୁ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମାଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ସୂଚନା ପାଇଥିଲେ। ଏହାର ଆନୁମାନିକ ମୂଲ୍ୟ ୫୦,୦୦୦ ଟଙ୍କା ଅଟେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଉକ୍ତ ଅଞ୍ଚଳରେ ବାରମ୍ବାର କୋର ଓ କୋଏଲ ଚୋରି ହେଉଛି। ପୂର୍ବରୁ ମଧ୍ୟ ୩ଟି ଟ୍ରାନ୍ସଫର୍ମରରୁ କୋର ଓ କଏଲ ଚୋରି ନେଇ ଯଶିପୁର ଥାନାରେ ଅଭିଯୋଗ ହୋଇଥିଲା।

## ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବେତନଟୀ,୨।୨(ସମିସ): ବେତନଟୀ ଚଣ୍ଡୀମନ୍ଦିର କ୍ଲବ ପକ୍ଷରୁ ଆୟୋଜିତ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ପ୍ଲାଷ୍ଟିକ କାରଖାନା ପରିସରରେ ସଫଳତାର ସହିତ ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାଜକିଶୋର ସାହା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଅଗ୍ରୱାଲ, ଅଧିବକ୍ତା ଭଗୀରଥ ପଣ୍ଡିତ ଓ ବିଜୟୀ ମଣ୍ଡଳ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଅବଦୁଲ ସମ୍‌ଶେର ଖାନ ଓ ତାଙ୍କ ସହଯୋଗୀ ତାପସ ସାହୁ ଚାମ୍ପିଅନ୍ ହୋଇଥିବାବେଳେ ଦେବ ନାରାୟଣ ପାତ୍ର ଓ ବିକାଶ ପାତ୍ର ରନର୍ସଅପ୍ ହୋଇଥିଲେ। ସିନିୟର ଟିମ୍ ବର୍ଗରେ ପ୍ରଦୀପ ମହାନ୍ତି ଓ ତାଙ୍କ ସହଯୋଗୀ ଅନୀଲ ବଳବନ୍ତରାୟ ଚାମ୍ପିଅନ୍ ହୋଇଥିବାବେଳେ ସୁନୀଲ ଖଣ୍ଡେଲୱାଲ ଓ ତାଙ୍କ ସହଯୋଗୀ ନିରଞ୍ଜନ ମହାନ୍ତି ରନର୍ସଅପ୍ ହୋଇଥିଲେ। ଜୁନିୟର ବର୍ଗ ଚାମ୍ପିଅନ୍ ଓ ରନର୍ସଅପ୍ ଖେଳାଳିଙ୍କୁ ଶୈଳେନ୍ଦ୍ର ଖଣ୍ଡେଲୱାଲଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସମ୍ପାଦକ ଜୟନ୍ତ କିଶୋର ନନ୍ଦଗୋସ୍ୱାମୀଙ୍କ ସହ ସୁବ୍ରତ ପଣ୍ଡିତ, ଦିବ୍ୟସୁନ୍ଦର ସିଂଦେବ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## କୂଅରୁ ଉଦ୍ଧାର ମୃତଦେହର ପରିଚୟ ମିଳିଲା

ତୁରୁମୁଙ୍ଗା,୨।୨(ସମିସ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଉଦୟପୁର ଛକ ନିକଟ ଦମୟନ୍ତୀ ସେଠୀଙ୍କ ବାଡ଼ିରେ ଥିବା କୂଅ ଭିତରୁ ରବିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ସାହାରପଡ଼ା ଫାଣ୍ଡି ଏଏସ୍‌ଆଇ ପଞ୍ଚମୀ ମହାନ୍ତ ଅଗ୍ନିଶମ ବାହିନୀ ସହାୟତାରେ ଶବକୁ ଉଦ୍ଧାର କରି ତଦନ୍ତ କରୁଥିବାବେଳେ ରବିବାର ଯୁବକଙ୍କ ପରିଚୟ ମିଳିଛି। ମୃତ ଯୁବକଙ୍କ ଡ୍ରେସ୍‌ରୁ ପରିବାର ଲୋକେ ଚିହ୍ନଟ କରିଥିଲେ। ମୃତ ଯୁବକ ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା କରଞ୍ଜିଆ ୬ ନମ୍ବର ୱାର୍ଡର ରାଜୁ ନାଏକଙ୍କ ପୁଅ ମଧୁସୂଦନ ନାଏକ(୧୯)। ତାଙ୍କର ସାମନ୍ୟ ମାନସିକ ବିକୃତ ଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ହୋଇଛି।

### ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ସ କ୍ୟାମ୍ପୋରୀ

# ଦ୍ୱିତୀୟ ଦିବସରେ ମନମୋହିଲା ଖାଦ୍ୟ ପ୍ରଦର୍ଶନୀ



ବିଶୋଇ,୨।୨(ସମିସ):

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ଚାଲିଥିବା ତିନିଦିନିଆ ସ୍କାଉଟ ଓ ଗାଇଡ୍ସ କ୍ୟାମ୍ପୋରୀ ଗତକାଲି ଉଦଘାଟନ ହୋଇଯାଇଥିବାବେଳେ ଆଜି ଦ୍ୱିତୀୟ ଦିବସରେ କ୍ୟାମ୍ପୋରୀର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତକାଲି ଉଦଘାଟନୀ ଉତ୍ସବ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଆଜି ଦ୍ୱିତୀୟ ଦିବସରେ ଦକ୍ଷତା ପ୍ରଦର୍ଶନୀ, ର୍‌ୟାମ୍ପ ଶୋ, ଗ୍ଲୋବାଲ ଗ୍ରାମ ଭଳି ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଦିବସରେ ସ୍କାଉଟ ସ ଗାଇଡ୍ସ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗିତା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି କ୍ୟାମ୍ପୋରୀରେ ଜିଲ୍ଲାର ବିଭିନ୍ନ ବ୍ଲକର ଅଂଶଗ୍ରହଣ କରିଥିବା ୨୫୫ ସ୍କାଉଟ ଓ ୨୮୪ ଗାଇଡ୍ସ ଛତ୍ରଛାତ୍ରୀ ନିଜ ହାତ ତିଆରି ୨୦ଟି ଷ୍ଟଲରେ ମାଣ୍ଡିଆ ନିର୍ମିତ ପିଠା ଓ ଖିରି, ଗୁପଚୁପ, ବିଭିନ୍ନ ପ୍ରକାର ଜଳଖିଆ, ଫଳ ସାଲାଡ଼ ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ନିଜ ନିଜ ଷ୍ଟଲ୍‌ରେ ପ୍ରଦର୍ଶନ କରି ବିକ୍ରୟ କରିଥିଲେ। ସ୍କାଉଟ ଓ ଗାଇଡ୍ସ ପ୍ରଶିକ୍ଷକଙ୍କ ଦ୍ୱାରା ବିଚାରକ ମଣ୍ଡଳୀ ଗଠନ କରାଯାଇ ଏହାର ମୂଲ୍ୟାଙ୍କନ କରାଯାଇ କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା। ଆସନ୍ତାକାଲି କ୍ୟାମ୍ପୋରୀର ତୃତୀୟ ଦିବସରେ ଉଦଯାପନ ସମାରୋହ ଅନୁଷ୍ଠିତ ହେବାକୁ ଥିବାବେଳେ ବିଭିନ୍ନ ପ୍ରକାର ଦୁଃସାହସିକ କାର୍ଯ୍ୟକଳାପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍କାଉଟର ଡିଓସି ବିଜୟ କୁମାର ପାଣିଗ୍ରାହୀ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ବିଶୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ତଥା ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ମୋଦିଙ୍କ ସଂଯୋଜନାରେ ବ୍ଲକର ସମସ୍ତ ବିଦ୍ୟାଳୟର ସିଆରସିସି, ଶିକ୍ଷକ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।

